# Akashvani, Sambalpur

## SAMBALPURI NEWS BULLETIN

### 22 December 2024- 6.47- 6.52 am.

**********************************************

ଡପ୍‌ଲର୍ ରାଡାର୍ ସ୍ଥାପନ୍      ଆର୍‌ଏନ୍‌ୟୁ/ କଟକ୍

ସମ୍ବଲ୍‌ପୁର୍ ପାଣିପାଗ୍ ବିଭାଗ୍ କାର୍ଯ୍ୟାଳୟ ଠାନେ ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍‌ର ଡପ୍‌ଲର୍ ରାଡ଼ାର୍ ଖଞ୍ଜାଯିବା । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ସହର୍ ପାଖର୍ ଜମାଦାର୍‌ପାଲି ଏୟାର୍‌ଷ୍ଟ୍ରିପ୍ ପାଖେ ଥିବା ପାଣିପାଗ୍ ବିଭାଗ୍ କାର୍ଯ୍ୟାଳୟ ଠାନେ ଆଏଜ୍  ରାଡ଼ାର ଶୁଭାରମ୍ଭ କର୍‌ବେ । ପାଖାପାଖ୍ି ୫ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ରାଡ଼ାର୍ ସମ୍ବଲ୍‌ପୁର୍ ଇଲାକା ନ ପାଣିପାଗକେ ନେଇକରି ସଠିକ୍ ଆଉ ତୁର୍‌ତି ସୂଚ୍‌ନା ଦେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଅତିବିଶିଷ୍ଟ ରେଲ୍‌ସେବା ପୁରସ୍କାର  ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ରେଲ୍ ବିଭାଗ୍ ତରଫୁ ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ୬୯ ନମ୍ବର୍ ଅତିବିଶିଷ୍ଟ ରେଲ୍‌ସେବା ପୁରସ୍କାର୍-୨୦୨୪ ସମାରୋହ ହେଇଯାଇଛେ । ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ଉତ୍କର୍ଷ ସେବା ଲାଗି ଶହେ ୧ ଝନ୍ ରେଲ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ସମ୍ମାନିତ୍ କରିଛନ୍ । ଇଥି ପୂର୍ବତଟ ରେଲ୍‌ପଥକେ ୪ ଟା ପୁରସ୍କାର୍ ମିଲିଛେ । ଉତ୍କର୍ଷ ସେବାର୍ ଲାଗି ପୂର୍ବତଟ ରେଲ୍‌ପଥ ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ଏନ୍. ହରିପ୍ରିୟା, ପ୍ରୋଟୋକଲ୍ ଅଧିକାରୀ ପ୍ରଦୀପ୍ କୁମାର୍ ଝା ଆର୍ ଟେକ୍ନିସିଆନ୍- ଟୁ ସୁପ୍ରଭାତ୍ ମିଶ୍ରଙ୍କୁ ପୁରସ୍କୃତ୍ କରାଯାଇଥିଲା । ପୂର୍ବତଟ ରେଲ୍‌ପଥ ଶ୍ରେଷ୍ଠ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଶିଳ୍ପ ବିଭାଗ୍‌ଥି ଯୁଗ୍ମ ପୁରସ୍କାର୍ ପାଇଛେ ।

ଯକ୍ଷ୍ମା ନିରାକରଣ୍ ଅଭିଯାନ          ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସ୍ୱାସ୍ଥ୍ୟ ଆର୍ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଗଲାକାଏଲ୍ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କର୍ ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଲ୍ ଆର୍ ସ୍ୱାସ୍ଥ୍ୟମନ୍ତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ସରକାର୍‌ଙ୍କର୍ ଶହେ ଦିନିଆ ଯକ୍ଷ୍ମା ନିରାକରଣ୍ ଅଭିଯାନ୍‌କେ

ସଫଲ୍ କର୍‌ବାର୍ ଦିଗେ ସହଯୋଗ୍ ମାଗିଛନ୍ । ଅଭିଯାନ୍‌ର ଅଗ୍ରଗତିର୍ ତଦାରଖ୍ କର୍‌ବାର୍, ଅଲ୍‌ଗା ମନ୍ତ୍ରଣାଳୟ ଆର୍ ବିଭାଗ୍ ମାନ୍‌କେ ଇଥି ସାମିଲ୍ କର୍‌ବାର୍, ଅଭିଯାନ୍‌ଥି ଜନସାଧାରଣଙ୍କର୍ ଭାଗିଦାରୀ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଧାୟକ୍, ବିଧାନ୍ ପରିଷଦ୍ ସଦସ୍ୟ ଆର୍ ପଂଚାୟତିରାଜ୍ ଅନୁଷ୍ଠାନ୍‌ମାନ୍‌କର୍ ଶ୍ରୀ ନଡ୍ଡା ସହଯୋଗ୍ ମାଗିଛନ୍ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍-୨୦୨୪-୨୫ ଲାଗି ଭିନ୍ ଭିନ୍ ବର୍ଗଥି ଆବେଦନ୍ ପ୍ରକ୍ରିୟା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଇ ଆବେଦନ୍ ପ୍ରକ୍ରିୟା ଆଏବା ଡିସେମ୍ବର୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆବେଦନ୍‌କାରୀମାନେ ଧାରିଜ୍ ସମିଆ ଭିତ୍‌ରେ msp.odisha.gov.in ଥି ଇ ପୁରସ୍କାର୍ ଲାଗି ଆବେଦନ୍ କରିପାର୍‌ବେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ଭିନ୍ ଭିନ୍ ବିଭାଗ୍ ଲାଗି ଇ ପୁରସ୍କାର୍ ପ୍ରଦାନ୍ କରାଯିବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣି ପଂଚାୟତ୍ ପକ୍ଷ            ଆର୍ଏନ୍ୟୁ /ସମ୍ବଲପୁର

ସାରା ରାଏଜେ ପାଣି ପଂଚାୟତ୍ ପକ୍ଷ ଆଏଜ୍ଠାନୁ ଆଏବା ମାସ ୫ ତାରିଖ୍‌ତକ୍  ପାଲନ୍ ହେଉଛେ ।  ଇ ଅବ୍‌ସରେ ରାଜ୍ୟ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ମାନ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୩୯ ହଜାର୍ ୩ ଶହ ୮୪ ଟା ପାଣି ପଂଚାୟତ୍ ଏଛେନ୍ କାମ୍ କରୁଛେ । ସେନ୍ତା ବଡ଼ ଉଠାଜଲସେଚନ୍ ପ୍ରକଳ୍ପ ପାଣିପଂଚାୟତ୍ ଗଠନ୍ କରାଯାଇଛେ । ମହିଲାମାନ୍‌କୁ ଇ ପାଣିପଂଚାୟତ୍‌ଥି ସାମିଲ୍ କରାଯିବାର୍ ସହେତେ ସମାନ୍ ଅଧିକାର୍ ଦିଆଯାଉଛେ ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ସୁଭଦ୍ରା ଯୋଜ୍‌ନା           ଆର୍ଏନ୍ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ଆର୍ଥିକ୍ ସାହାଜ୍ ଆଏବା ମାସେ ହିତାଧିକାରୀମାନ୍‌କୁ ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପ୍‌ଥି ୨୦ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କୁ

ସାହାଜ୍ ଦିଆଯିବା । ବାକିଥିବା ସୁଭଦ୍ରା ହିତାଧିକାରୀଙ୍କର୍ ଆବେଦନ୍ ପତ୍ର ମାନ୍‌କୁ ଇ ମାସ ୩୦ ତାରିଖ୍‌ତକ୍ ଯାଂଚ୍ କରାଯାଇକରି ପ୍ରକୃତ୍ ହିତାଧିକାରୀଙ୍କୁ ଜାନୁଆରୀମାସେ ସୁଭଦ୍ରା ଆର୍ଥିକ୍ ସାହାଜ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ମେଡ଼ିକାଲ୍ କଲେଜ୍ ସିଟ୍ ବୃଦ୍ଧି        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଥିବା ସର୍‌କାରୀ ମେଡ଼ିକାଲ୍ କଲେଜ୍ ମାନ୍‌କେ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ଆଉ ୨ ଶହ ବଢ଼ାଯିବା ବଲି ଜାତୀୟ ପରୀକ୍ଷା ଏଜେନ୍ସି- ଏନ୍‌ଟିଏ ସୂଚ୍‌ନା ଦେଇଛେ । ଏନ୍‌ଟିଏର ସୂଚ୍‌ନା ଅନ୍‌ସାରେ ଆଏବା ଶିକ୍ଷା ବଛର୍‌ନୁ ତାଲ୍‌ଚେର୍ ଆର୍ ଫୁଲ୍‌ବାଣୀ ସର୍‌କାରୀ ମେଡ଼ିକାଲ୍ କଲେଜ୍ ନ ଶହେ ଟା ଲେଖା ସିଟ୍‌ଥି ଛାତ୍ରଛାତ୍ରୀ ନାଁ ଲେଖାବେ । ବଢ଼ାଯାଇଥିବାର୍ ୨ ଶହ ଟା ସିଟ୍ ଭିତ୍‌ରେ ୮୫ ପ୍ରତିଶତ ଓଡ଼ିଆ ପିଲାଙ୍କର୍ ଲାଗି ଆର୍ ୧୫ ପ୍ରତିଶତ୍ ସିଟ୍ ଭାରତୀୟ କୁଟା ରହେବା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି        ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠଠାନେ ଆଏବା କାଏଲ୍ ହେବାର୍‌କେ ଥିବା ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର ସର୍‌କାରୀ କାର୍ଯ୍ୟସୂଚୀକେ ନଜର୍‌ଥି ରଖିକରି ଇତାକେ ବନ୍ଦ୍ ରଖାଯାଇଛେ ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୌରଶକ୍ତି -ସମ୍‌ଲେଶ୍ୱରୀ ମନ୍ଦିର ଆର୍‌ଏନ୍‌ୟୁ /ସମ୍ବଲପୁର

ସୌରଶକ୍ତି ଉତ୍ପାଦନ୍ କ୍ଷେତ୍ରଥି ସମ୍‌ଲେଶ୍ୱରୀ ମନ୍ଦିର୍ ମାଇଲ୍‌ଖୁଂଟା ଥାପ୍‌ନା କର୍‌ବାର୍‌କେ ଯାଉଛେ । ଆଏଜ୍ ଇ ପ୍ରକଳ୍ପର୍ ଶୁଭାରମ୍ଭ ହେବା ବଲି ସମଲେଶ୍ୱରୀ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ସଭାପତି ସୂଚ୍‌ନା ଦେଇଛନ୍ । ଇତାର୍‌ଜରିଏ ଫି’ ଦିନ ପାଖାପାଖି ଶହେ ୨୦ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ୍ ହେଇପାର୍‌ବା । ଇଟା କାର୍ଯ୍ୟକ୍ରମ୍ ହେଲେ ସମଲେଶ୍ୱରୀ ମନ୍ଦିର୍ ବିଦ୍ୟୁତ୍ ବିଲ୍ ୪୦ ପ୍ରତିଶତ୍ କମ୍‌ବା । ସୌରଶକ୍ତି ଉତ୍ପାଦନ୍ ଲାଗି ମନ୍ଦିର୍ ପରିସର୍ ନ ଥିବା ପ୍ରଶାସନିକ୍ କୋଠା ଆର୍ ଭକ୍ତମାନ୍‌କର୍ ଲାଗି ବନା

ହେଇଥିବା ଅପେକ୍ଷାଗୃହ ଛାତ୍ ଉପ୍ରେ ସୋଲାର୍ ପେନାଲ୍ ଥାପ୍ନା କରାଯାଇଛେ । ମନ୍ଦିର୍ଥି ବିଦ୍ୟୁତ୍ ବ୍ୟବସ୍ଥା ଲାଗି ୨ ଶହ ୪୦ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ଦର୍କାର୍ ହେଉଛେ ।

ଲୋକ୍ମହୋତ୍ସବ୍ -ପ୍ରସ୍ତୁତି ଆର୍ଏନ୍ୟୁ / ସମ୍ବଲପୁର

ଆଏବା ଜାନୁଆରୀ ୪ ତାରିଖ୍ନୁ ମୁଲ୍ ହେବାର୍କେ ଥିବା ସମ୍ବଲ୍ପୁର୍ ଲୋକ୍ମହୋତ୍ସବ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ପ୍ରସ୍ତୁତି କାମ୍ର ସମୀକ୍ଷା କରିଛନ୍ । ପ୍ରସ୍ତୁତି ବୈଠକ୍ଥି ସବୁ କମିଟି ନିଜର୍ ବଜେଟ୍ ଆର୍ କାର୍ଯ୍ୟକ୍ରମ୍ ଆୟୋଜନ୍ର ଅଗ୍ରଗତି ବାବ୍ଦେ ମତାମତ ଉପସ୍ଥାପନ୍ କରିଥିଲେ । ସେଆଡ଼େ ଆଏଜ୍ ସମ୍ବଲ୍ପୁର୍ ତପସ୍ୱିନୀ ପେକ୍ଷାଗୃହ ଠାନେ ମହୋତ୍ସବ୍ ଲାଗି ଉଦ୍‌ଘୋଷକ ଉଦ୍‌ଘୋଷିକା ବଛାଯିବା ବଲି କମିଟି ତର୍ଫୁ କୁହାଯାଇଛେ ।